# NATIONAL NEWS BULLETIN (ODIA)

**19 April - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରୁଛନ୍ତି ବିଭିନ୍ନ ରାଜନୈତିକ ଦଳର ଶୀର୍ଷ ନେତୃତ୍ୱ ।

- ବିଷ୍ଣୁପୁରଠାରେ ଜନସମାବେଶକୁ ସମ୍ବୋଧନ କଲେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଦେଶବ୍ୟାପୀ ସଡ଼କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ନିର୍ଦ୍ଦେଶାବଳୀ ଜାରି କଲେ ସୁପ୍ରିମକୋର୍ଟ ।

- ନିଷ୍ଠା ଓ ଶ୍ରଦ୍ଧାର ସହ ପାଳନ କରାଯାଉଛି ଅକ୍ଷୟ ତୃତୀୟା ଓ ପର୍ଶୁରାମ ଜୟନ୍ତୀ ।

- ଆଜିଠାରୁ ଆରମ୍ଭ ହେଲା ବାର୍ଷିକ ଚାରିଧାମ ଯାତ୍ରା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ଖେଳାଯିବ ୨ଟି ମ୍ୟାଚ୍ ।

# ପିଏମ୍-ବିଷ୍ଣୁପୁର ର୍ୟାଲି

ପଶ୍ଚିମବଙ୍ଗ ଏବଂ ତାମିଲନାଡୁରେ ନିର୍ବାଚନ ପ୍ରଚାର ପାଇଁ ସମୟ ସରିଆସୁଥିବାବେଳେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର ଜୋର୍‌ସୋର୍‌ରେ ଚାଲିଛି । ପଶ୍ଚିମବଙ୍ଗର ବାଙ୍କୁରା ଜିଲ୍ଲା ଅନ୍ତର୍ଗତ ବିଷ୍ଣୁପୁରଠାରେ ବରିଷ୍ଠ ବିଜେପି ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜନସମାବେଶକୁ ସମ୍ବୋଧନ କରିଛନ୍ତି । ସଂସଦରେ ମହିଳା ସଂରକ୍ଷଣ ଆଧାରିତ ବିଲ୍ ପାରିତ ନହେବା ନେଇ ତୃଣମୂଳ କଂଗ୍ରେସ ଏବଂ ଅନ୍ୟ ବିରୋଧୀଦଳ ଗୁଡ଼ିକୁ ଦାୟି କରିଛନ୍ତି । ସେ କହିଛନ୍ତି ଏହାର ପ୍ରତ୍ୟୁତ୍ତର ସାଧାରଣ ଜନତା ହିଁ ଦେବେ । ଦେଶର ବିକାଶକୁ ସୁନିଶ୍ଚିତ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କ୍ଷେତ୍ରରେ ମହିଳାଙ୍କ ଉପସ୍ଥିତି ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ମହିଳା ସଶକ୍ତିକରଣ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ସେ ଏହି ଅବସରରେ ଆଲୋକପାତ କରିଛନ୍ତି ।

**V/O (PM Women Reservation)**

ଶ୍ରୀ ମୋଦୀ କହିଛନ୍ତି କଂଗ୍ରେସ ଏବଂ ଟିଏମ୍‌ସି ଜନଜାତି ବିରୋଧୀ ଦଳ ଏବଂ ରାଷ୍ଟ୍ରପତି ନିର୍ବାଚନରେ ଦ୍ରୌପଦୀ ମୁର୍ମୁଙ୍କ ବିରୋଧରେ ସେମାନେ ପ୍ରାର୍ଥୀ ଦେଇଥିଲେ । ପଶ୍ଚିମବଙ୍ଗରେ ଅନୁପ୍ରବେଶକାରୀଙ୍କୁ ସମସ୍ତପ୍ରକାର ସହଯୋଗ ରାଜ୍ୟ ସରକାର ଯୋଗାଉଛନ୍ତି ବୋଲି ଶ୍ରୀ ମୋଦୀ ଅଭିଯୋଗ କରିଛନ୍ତି ।

ଅନ୍ୟପକ୍ଷରେ ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୁଗଲି ଏବଂ ପୂର୍ବ ବର୍ଦ୍ଧମାନ ଜିଲ୍ଲାରେ କେତେକ

ସାଧାରଣ ସଭାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ବିଜେପି ନେତା ତଥା ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ ଶାହା ମୁର୍ସିଦାବାଦ ଜିଲ୍ଲାର ଜିଆଗଞ୍ଜ ଏବଂ କାଣ୍ଡିଠାରେ ରୋଡ ଶୋ'ରେ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି ।

ବିଜେପିର ଅନ୍ୟତମ ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ତାମିଲନାଡୁର ଇରୋଡଠାରେ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଏକ ରୋଡ ଶୋ'ରେ ସାମିଲ ହୋଇଥିଲେ । ଏଆଇଏଡିଏମ୍‌କେ ନେତୃତ୍ୱରେ ଏନ୍‌ଡିଏ ତାମିଲନାଡୁରେ ସରକାର ଗଠନ କରିବ ବୋଲି ଶ୍ରୀ ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଭି.ପି.-ଶ୍ରୀଲଙ୍କା

ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଆଜି ଶ୍ରୀଲଙ୍କାର ରାଷ୍ଟ୍ରପତି ସଚିବାଳୟଠାରେ ରାଷ୍ଟ୍ରପତି ଅନୁରା କୁମାର ଦିଶାନାୟକଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଭାରତ-ଶ୍ରୀଲଙ୍କା ଦ୍ୱିପାକ୍ଷିକ ସମ୍ପର୍କର ଇତିହାସ, ସାଂସ୍କୃତିକ ମୂଲ୍ୟବୋଧ ଏବଂ ଏହାକୁ ଅଧିକ ସୁଦୃଢ଼ କରିବା ନେଇ ଉଭୟ ନେତାଙ୍କ ମଧ୍ୟରେ ମତ ବିନିମୟ ହୋଇଥିବା ଜଣାପଡିଛି । ପଡୋଶୀ ପ୍ରଥମ ନୀତି ପ୍ରତି ଭାରତର ଅଙ୍ଗୀକାରବଦ୍ଧତା ଉପରେ ଆଲୋଚନା କାଳରେ ଶ୍ରୀ ରାଧାକୃଷ୍ଣନ ଆଲୋକପାତ କରିଛନ୍ତି । ସେଠାରେ କାର୍ଯ୍ୟକାରୀ ହେଉଥିବା ଭାରତୀୟ ଆବାସ ପ୍ରକଳ୍ପ ଏବଂ ଘୂର୍ଣ୍ଣିଝଡ଼

‘ଡିଟଓ୍ୱା’ ପ୍ରଭାବିତ ଅଞ୍ଚଳ ପାଇଁ ଭାରତ ଦ୍ୱାରା ପ୍ରଦତ୍ତ ୪୫୦ ନିୟୁତ ଡଲାର ସହାୟତା ରାଶି ଅଧୀନରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପ ଗୁଡ଼ିକ ନେଇ ଉଭୟ ନେତା ସମୀକ୍ଷା କରିଛନ୍ତି । ଉପରାଷ୍ଟ୍ରପତି ଶ୍ରୀ ରାଧାକୃଷ୍ଣନ, ଶ୍ରୀଲଙ୍କା ପ୍ରଧାନମନ୍ତ୍ରୀ ହାରିଣୀ ଅମରସୁରୀୟାଙ୍କ ସମେତ ଅନ୍ୟ ନେତୃବୃନ୍ଦଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ସୂଚନାଯୋଗ୍ୟ ଉପରାଷ୍ଟ୍ରପତି ଶ୍ରୀ ରାଧାକୃଷ୍ଣନ ଦୁଇଦିନିଆ ସରକାରୀ ଗସ୍ତରେ ଶ୍ରୀଲଙ୍କାକୁ ଯାଇଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀ ରାଧାକୃଷ୍ଣନ ସେଠାକାର ଭାରତୀୟ ସଂପ୍ରଦାୟଙ୍କ ସହ ମଧ୍ୟ ସାକ୍ଷାତ୍ କରିବେ ।

## ଏସ୍‌ସି-ରୋଡ ଶୋ

ଦେଶବ୍ୟାପୀ ସଡ଼କ ସୁରକ୍ଷାକୁ ସୁନିଶ୍ଚିତ କରିବା ଲକ୍ଷ୍ୟନେଇ ସୁପ୍ରିମକୋର୍ଟ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ବିଚାରପତି ଜଷ୍ଟିସ ଜେ.କେ.ମାହେଶ୍ୱରୀ ଏବଂ ଜଷ୍ଟିସ ଏ.ଏସ୍. ଚନ୍ଦୁରକରଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି କହିଛନ୍ତି ଜାତୀୟ ରାଜପଥ ଭାରତର ମୋଟ୍ ସଡ଼କ ନେଟଓ୍ୱର୍କର ମାତ୍ର ୨ ପ୍ରତିଶତ ହୋଇଥିଲେ ମଧ୍ୟ ମୋଟ୍ ସଡ଼କ ଦୁର୍ଘଟଣାର ୩୦ ପ୍ରତିଶତ ରାଜପଥରେ ହିଁ ଘଟିଥାଏ । ରାଜପଥ ଗୁଡ଼ିକରେ ସୃଷ୍ଟ ଆହ୍ୱାନଗୁଡ଼ିକୁ ଏଡାଇ ଦିଆଯାଇ ପାରିଲେ ବହୁମୂଲ୍ୟ ଜୀବନ ରକ୍ଷା ହୋଇପାରିବ ବୋଲି ଖଣ୍ଡପୀଠ କହିଛନ୍ତି । ତେବେ

ଦୁର୍ଘଟଣାକୁ ଏଡାଇବା ପାଇଁ ପଦକ୍ଷେପ ଗ୍ରହଣ କରାନଗଲେ ଏହା ରାଜ୍ୟର ବିଫଳତାକୁ ପ୍ରତିଫଳିତ କରିଥାଏ । ଏହାକୁ ଦୃଷ୍ଟିରେ ରଖି ଖଣ୍ଡପୀଠ ଏକ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ରାଜପଥରେ ସୁରକ୍ଷାକୁ ଉନ୍ନତ କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ଏବଂ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଅକ୍ଷୟ ତୃତୀୟା

ଦେଶବ୍ୟାପୀ ଆଜି ଅକ୍ଷୟ ତୃତୀୟା ପର୍ବ ପାଳନ କରାଯାଉଛି । ଜୀବନରେ ସୌଭାଗ୍ୟ ଓ ସଫଳତା ଏହି ପର୍ବ ଆଣିଦେଇଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି । ଏହି ଅବସରରେ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥାଏ ।

ପର୍ଶୁରାମ ଜୟନ୍ତୀ ମଧ୍ୟ ଆଜି ପାଳନ କରାଯାଉଛି । ଭଗବାନ ବିଷ୍ଣୁଙ୍କ ଷଷ୍ଠ ଅବତାର ହେଉଛନ୍ତି ଭଗବାନ ପର୍ଶୁରାମ ।

ଅକ୍ଷୟ ତୃତୀୟା ଏବଂ ପର୍ଶୁରାମ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଅକ୍ଷୟ ତୃତୀୟା ପର୍ବ ଦାନ, ସେବା ଏବଂ ପୁଣ୍ୟ କାର୍ଯ୍ୟ କରିବାକୁ ପ୍ରେରଣା ପ୍ରଦାନ କରିଥାଏ । ଭଗବାନ ପର୍ଶୁରାମ ସମସ୍ତଙ୍କୁ ଅନ୍ୟାୟ ବିରୁଦ୍ଧରେ ଦୃଢ଼ହେବା ଏବଂ ଶତପଥରେ ପରିଚାଳିତ

ହେବାକୁ ପ୍ରେରଣା ପ୍ରଦାନ କରିଥାନ୍ତି । ଶ୍ରୀ ମୋଦୀ ସମସ୍ତଙ୍କ ଜୀବନରେ ସୁଖ, ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

# ଚାରଧାମ ଯାତ୍ରା

ଅକ୍ଷୟ ତୃତୀୟା ଅବସରରେ ଉତ୍ତରାଖଣ୍ଡରେ ଆଜିଠାରୁ ବାର୍ଷିକ ଚାରିଧାମ ଯାତ୍ରା ଆରମ୍ଭ ହୋଇଛି । ଯମୁନେତ୍ରୀ ଧାମ ଏବଂ ଗଙ୍ଗୋତ୍ରୀ ଧାମର ଆଜି ଦ୍ୱାର ଉନ୍ମୁକ୍ତ ହୋଇଛି । ଦେବୀ ଗଙ୍ଗାଙ୍କ ପ୍ରତିମା ଗଙ୍ଗୋତ୍ରି ମନ୍ଦିରରେ ଏବଂ ଯମୁନାଙ୍କ ପ୍ରତିମାକୁ ଯମୁନେତ୍ରୀ ମନ୍ଦିରରେ ସମ୍ପୂର୍ଣ୍ଣ ରୀତିନୀତି ସହ ସ୍ଥାପନ କରାଯାଇଛି । ମନ୍ଦିରଗୁଡ଼ିକୁ ଫୁଲରେ ଆକର୍ଷଣୀୟ ଭାବେ ସଜ୍ଜିତ କରାଯାଇଛି । ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି ଚାରିଧାମ ଯାତ୍ରାକୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ଶ୍ରଦ୍ଧାଳୁ ଅନୁକୂଳ କରିବା ପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଆସନ୍ତା ୨୨ ତାରିଖରେ କେଦାରନାଥ ଧାମ ଏବଂ ୨୩ ତାରିଖରେ ଶ୍ରୀ ବଦ୍ରିନାଥ ଧାମ ଉନ୍ମୁକ୍ତ ହେବ । ଗତକାଲି ସଂଧ୍ୟାସୁଦ୍ଧା ଅନ୍‌ଲାଇନ୍ ମାଧ୍ୟମରେ ୧୮ଲକ୍ଷ ୯୦ହଜାର ତୀର୍ଥଯାତ୍ରୀ ପଞ୍ଜିକରଣ କରିସାରିଛନ୍ତି । କେଦାରନାଥ ଯାତ୍ରା ପାଇଁ ସାଢ଼େ ୬ଲକ୍ଷ, ବଦ୍ରିନାଥ ସାଢ଼େ ୫ଲକ୍ଷ, ଗଙ୍ଗୋତ୍ରୀ ପାଇଁ ୩ ଲକ୍ଷ ୩୦ହଜାର ଏବଂ ଯମୁନେତ୍ରୀ ପାଇଁ ୩ଲକ୍ଷ ୨୦ହଜାର ତୀର୍ଥଯାତ୍ରୀ ସେଥିମଧ୍ୟରେ ଅନ୍ତର୍ଭୁକ୍ତ ବୋଲି ପ୍ରଶାସନିକ ସୂତ୍ରରୁ ସୂଚନା ଦିଆଯାଇଛି ।

# ୱାର୍ଲ୍ଡ ଲିଭର ଡେ

ଯକୃତ ରୋଗ ବିଷୟରେ ସଚେତନତା ସୃଷ୍ଟିକରିବା ଲକ୍ଷ୍ୟନେଇ ଆଜି ବିଶ୍ୱ ଲିଭର ବା ଯକୃତ ଦିବସ ପାଳନ କରାଯାଉଛି । ସ୍ୱାସ୍ଥ୍ୟକର ଖାଦ୍ୟ ସେବନ ମାଧ୍ୟମରେ ସୁସ୍ଥ ଜୀବନଶୈଳୀ ଆପଣେଇବା ନେଇ ଲୋକଙ୍କୁ ଉତ୍ସାହିତ କରିବା ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଡବ୍ଲୁଏଚ୍‌ଓର ସୂଚନା ଅନୁଯାୟୀ ଯକୃତ ରୋଗ କାରଣରୁ ଭାରତରେ ପ୍ରତ୍ୟେକ ବର୍ଷ ବହୁ ଲୋକଙ୍କର ମୃତ୍ୟୁ ହୋଇଥାଏ । ମଦ୍ୟପାନ, ନିଶାଦ୍ରବ୍ୟ ସେବନ, ଅସନ୍ତୁଳିତ ଖାଦ୍ୟ ସେବନ, ବ୍ୟାୟାମର ଅଭାବ ଯକୃତ ରୋଗର କାରଣ ହୋଇଥାଏ । ହେପାଟାଇଟ୍ସ ବି, ସି, ଡି, ହେପାଟୋସେଲୁଲାର କାର୍ସିନୋମା ଭଳି ରୋଗ ଦେଖିବାକୁ ମିଳିଥାଏ । ଚଳିତବର୍ଷର ବିଷୟବସ୍ତୁ ରହିଛି 'କଠିନ ଅଭ୍ୟାସ, ସୁଦୃଢ଼ ଯକୃତ' ।

ଏହି ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରସାଦ ନଡ୍ଡା ଦେଶବାସୀଙ୍କୁ ସ୍ୱାସ୍ଥ୍ୟର ଦାୟିତ୍ୱ ନେବାକୁ ପରାମର୍ଶ ଦେଇଛନ୍ତି । ସୁସ୍ଥ ଯକୃତ ଏବଂ ସୁସ୍ଥ ଭବିଷ୍ୟତ ପାଇଁ ପ୍ରତ୍ୟେକ ଦିନର ଜୀବନଶୈଳୀରେ ସୁସ୍ଥତା ଆପଣେଇବାକୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି ସୁସ୍ଥ ଯକୃତ ସୁସ୍ଥ ଜୀବନଶୈଳୀର ଚାବିକାଠି । ପୁଷ୍ଟିକର ଖାଦ୍ୟ ଖାଇବା ଏବଂ ଶାରିରୀକ ଭାବେ ସକ୍ରିୟ ରହିବା ଭଳି ସରଳ ଅଭ୍ୟାସ ଆପଣେଇବା ଉପରେ ଶ୍ରୀ ନଡ୍ଡା ଗୁରୁତ୍ୱ ପ୍ରଦାନ କରିଛନ୍ତି ।

# ଇସ୍ରୋ-ଜି-୨୦ ସାଟେଲାଇଟ୍

ଜଳବାୟୁ, ବାୟୁ ପ୍ରଦୂଷଣ ଓ ପାଣିପାଗ ନିରୀକ୍ଷଣ କରିବା ଲକ୍ଷ୍ୟ ନେଇ ପ୍ରସ୍ତୁତ ଜି-୨୦ ଉପଗ୍ରହ ଆସନ୍ତାବର୍ଷ ଉତ୍କ୍ଷେପଣ କରାଯିବାର ସମ୍ଭାବନା ରହିଛି ବୋଲି ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ କହିଛନ୍ତି । ହାଇଦ୍ରାବାଦସ୍ଥିତ ଇଞ୍ଜିନିୟରିଂ ଷ୍ଟାଫ୍ କଲେଜ ଅଫ୍ ଇଣ୍ଡିଆରେ ଗତକାଲି ଏକ ସମାବେଶକୁ ସମ୍ବୋଧନ କରି ଡକ୍ଟର ନାରାୟଣନ କହିଛନ୍ତି ବିନା ପ୍ରତିବନ୍ଧକରେ ଗୋଟିଏ ରକେଟ୍ ବ୍ୟବହାର କରି ଭାରତ ୧୦୦ରୁ ଅଧିକ ଉପଗ୍ରହ ମହାକାଶରେ ସ୍ଥାପନ କରିପାରିଛି । ଏ କ୍ଷେତ୍ରରେ ଭାରତ ବିଶ୍ୱର ପ୍ରଥମ ରାଷ୍ଟ୍ର ହୋଇଛି । ସେ କହିଛନ୍ତି ଜି-୨୦ ଦେଶଗୁଡ଼ିକ ପାଇଁ ଜି-୨୦ ଉପଗ୍ରହ ଉତ୍କ୍ଷେପଣରେ ଭାରତ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ୨୦୪୦ ସୁଦ୍ଧା ଚନ୍ଦ୍ରକୁ ମାନବ ପଠାଇବା ପାଇଁ ଇସ୍ରୋ ପକ୍ଷରୁ ପ୍ରୟାସ ଜାରି ରହିଛି । ଏଥିସହିତ ଗଭୀର ମହାସାଗର ମିଶନର ଏକ ପ୍ରକଳ୍ପ ସମୁଦ୍ରାୟନ ପାଇଁ ଭାରତ କାର୍ଯ୍ୟ କରୁଛି ବୋଲି ସେ କହିଛନ୍ତି । ୧୦୦ ମିଲିମିଟର ଘନତ୍ୱ ବିଶିଷ୍ଟ ୨ ଦଶମିକ ୨ ମିଟର ବ୍ୟାସର ଏକ ଟାଇଟାନିୟମ ଜାହାଜ ପ୍ରସ୍ତୁତି ପ୍ରକ୍ରିୟାରେ ଭାରତ ପ୍ରୟାସ ଜାରି ରଖିଛି ବୋଲି ଡକ୍ଟର ନାରାୟଣନ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମରେ

ଡିଆର୍‌ଡିଓ, ଇସ୍ରୋ ଏବଂ ଏରୋନଟିକାଲ ସୋସାଇଟି ଅଫ୍ ଇଣ୍ଡିଆର ବୈଜ୍ଞାନିକ ଦଳ ଯୋଗଦେଇଥିଲେ ।

## ରାଜନାଥ ଜର୍ମାନୀ ଭିଜିଟ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଆସନ୍ତା ମଙ୍ଗଳବାରଠାରୁ ତିନିଦିନିଆ ଜର୍ମାନୀ ଗସ୍ତରେ ଯିବେ । ଉଭୟ ଦେଶ ମଧ୍ୟରେ ରଣନୈତିକ ପ୍ରତିରକ୍ଷା ସହଭାଗିତାକୁ ସୁଦୃଢ଼ କରିବା ଏହି ଗସ୍ତର ଅନ୍ୟତମ ଉଦ୍ଦେଶ୍ୟ । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଗସ୍ତ ଅବସରରେ ଶ୍ରୀ ସିଂହ ତାଙ୍କ ଜର୍ମାନ ପ୍ରତିପକ୍ଷ ବୁରିଶ ପିଷ୍ଟୋରିୟସଙ୍କ ସହ ସାକ୍ଷାତ୍ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଦ୍ୱିପାକ୍ଷିକ ପ୍ରତିରକ୍ଷା ଶିଳ୍ପ ସହଯୋଗ ବୃଦ୍ଧି, ସୁଦୃଢ଼ ସାମରିକ ସମ୍ପର୍କ ଏବଂ ସାଇବର ସୁରକ୍ଷା, କୃତ୍ରିମ ବୁଦ୍ଧିମତା ଓ ଡ୍ରୋନ୍ ପ୍ରଯୁକ୍ତିବିଦ୍ୟା ଆଦି କ୍ଷେତ୍ରଗୁଡ଼ିକ ଉପରେ ଉଭୟଙ୍କ ମଧ୍ୟରେ ମତ ବିନିମୟ ହେବ । ମେକ୍ ଇନ୍ ଇଣ୍ଡିଆ ପଦକ୍ଷେପ ଅଧୀନରେ ଦ୍ୱିପାକ୍ଷିକ ସମ୍ମିଳିତ ବିକାଶ ଏବଂ ସହ ଉତ୍ପାଦନକୁ ପ୍ରୋତ୍ସାହନ ପ୍ରଦାନ କରିବା ଉଦ୍ଦେଶ୍ୟରେ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂହ ଗସ୍ତ ଅବସରରେ ଜର୍ମାନ ପ୍ରତିରକ୍ଷା ଶିଳ୍ପର ପ୍ରମୁଖ ପ୍ରତିନିଧିଙ୍କ ସହ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଦେଇଛି ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ୨ଟି ମ୍ୟାଚ୍ ଖେଳାଯିବ । ଅପରାହ୍ଣ ସାଢ଼େ ୩ଟାରେ କୋଲକାତାର ଇଡେନ ଗାର୍ଡେନ୍ସରେ ରାଜସ୍ଥାନ ରୟାଲ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । ସଂଧ୍ୟା ସାଢ଼େ ୭ଟାରେ ନିଉ ଚଣ୍ଡିଗଡଠାରେ ପଞ୍ଜାବ କିଙ୍ଗ୍‌ସ ଏବଂ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ପରସ୍ପରକୁ ଭେଟିବେ ।

କୋଲକାତା ନାଇଟ୍ ରାଇଡର୍ସ ଚଳିତ ସିଜିନ୍‌ରେ ଏପର୍ଯ୍ୟନ୍ତ ଗୋଟିଏ ବି ମ୍ୟାଚ୍ ଜିତିପାରି ନାହିଁ । ପଏଣ୍ଟ ତାଲିକାରେ ସର୍ବନିମ୍ନ ସ୍ଥାନରେ ଏହି ଦଳ ସ୍ଥାନିତ ହୋଇଛି । ଅନ୍ୟପକ୍ଷରେ ରାଜସ୍ଥାନ ରୟାଲ୍ସ ୫ଟି ମ୍ୟାଚ୍‌ରୁ ୮ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି । ପଞ୍ଜାବ କିଙ୍ଗ୍‌ସ ୯ ପଏଣ୍ଟ ସହିତ ତାଲିକାର ଶୀର୍ଷସ୍ଥାନରେ ରହିଥିବାବେଳେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ତାଲିକାର ଅଷ୍ଟମ ସ୍ଥାନରେ ରହିଛି ।